# NATIONAL NEWS BULLETIN (ODIA)
## 1 October - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ଭାରତ-ଜାମାଇକା ପ୍ରତିନିଧି ସ୍ତରୀୟ ଆଲୋଚନା ।
- ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ନିମନ୍ତେ ଆଜିଠାରୁ ଲାଗୁ ହେବ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ।
- ଜାମ୍ମୁ କାଶ୍ମୀରରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସକାଳୁ ଭୋଟ୍ ଗ୍ରହଣ ଆରମ୍ଭ ।
- ବନ୍ୟା ପ୍ରଭାବିତ ଗୁଜରାଟ, ମଣିପୁର ଓ ତ୍ରିପୁରାକୁ ୬୭୫ କୋଟି ଟଙ୍କାର ସହାୟତା ମଞ୍ଜୁର ।

ଏବଂ

- କାନପୁର ଟେଷ୍ଟର ଆଜି ପଞ୍ଚମ ଦିନରେ ୨୬ରନ୍‌ରୁ ବ୍ୟାଟିଂ ଜାରି ରଖିବ ବାଂଲାଦେଶ ।

# ପ୍ରଧାନମନ୍ତ୍ରୀ-ଜାମାଇକା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ର୍ୟୁ ହୋଲନେସ୍‌ଙ୍କ ସହ ପ୍ରତିନିଧି ସ୍ତରୀୟ କଥାବାର୍ତ୍ତା କରିବେ । ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଅବସରରେ ଉଭୟ ଦେଶ ଅନେକ ଗୁଡ଼ିଏ ବୁଝାମଣାପତ୍ରରେ ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି । ଭାରତକୁ ପ୍ରଥମଥର ଲାଗି ଜାମାଇକା ପ୍ରଧାନମନ୍ତ୍ରୀ ଗସ୍ତରେ ଆସିଛନ୍ତି । ଏହି ଗସ୍ତ କାଳରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ସାକ୍ଷାତ କରିବେ । ଏହାଛଡ଼ା ଜାମାଇକା ପ୍ରଧାନମନ୍ତ୍ରୀ ଦେଶର ବାଣିଜ୍ୟ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ୪ ଦିନିଆ ଗସ୍ତ କାଳରେ ସେ ଆସନ୍ତାକାଲି ବାରାଣାସୀ ଗସ୍ତରେ ଯିବେ ।

ଭାରତ ଏବଂ ଜାମାଇକା ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ନିମନ୍ତେ ଜାମାଇକା ପ୍ରଧାନମନ୍ତ୍ରୀ ଭାରତ ଗସ୍ତ କରିଛନ୍ତି । ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗ ସମେତ ଅନ୍ୟ କେତେକ ପ୍ରମୁଖ କ୍ଷେତ୍ରରେ ଭାଗିଦାରୀ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ଜାମାଇକାରେ ଚାଲିଥିବା ଅନେକ ଗୁଡ଼ିଏ ବିକାଶ ମୂଳକ ପ୍ରକଳ୍ପରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ

ଘୋଷଣା ଅନୁଯାୟୀ ଜାମାଇକାର କିଟସନ୍ ଟାଉନ୍‌ରେ ଏକ ବିକାଶ ପ୍ରକଳ୍ପରେ ଭାରତ ୧ ମିଲିୟନ୍ ଆମେରିକୀୟ ଡଲାର୍ ନିବେଶ କରିଛି । ଜାମାଇକାର ସମାବେଶୀ ବିକାଶ କ୍ଷେତ୍ରରେ ଭାରତର ଯୋଗଦାନ ଉଭୟ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିଛି ।

## ସର୍ବନିମ୍ନ ମଜୁରୀ

ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ସହାୟତା କରିବା ପାଇଁ ଆଜିଠାରୁ ବୃଦ୍ଧି ପାଇଥିବା ସର୍ବନିମ୍ନ ମଜୁରୀହାର ଲାଗୁ ହେବ । ଗତ ମାସ ୨୬ ତାରିଖରେ କେନ୍ଦ୍ର ସରକାର ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚକୁଶଳୀ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀହାର ବୃଦ୍ଧି କରିଥିଲେ । ଆଜିଠାରୁ ଅଣକୁଶଳୀ ଶ୍ରମିକମାନେ ଦୈନିକ ୭୮୩ ଟଙ୍କା ମଜୁରୀ ପାଇବେ । ସେହିଭଳି ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ଦୈନିକ ୮୬୮ ଟଙ୍କା, କୁଶଳୀ ଶ୍ରମିକଙ୍କୁ ୯୫୪ ଟଙ୍କା ଏବଂ ଉଚ୍ଚକୁଶଳୀ ଶ୍ରମିକଙ୍କୁ ଦୈନିକ ୧ ହଜାର ୩୫ ଟଙ୍କା ମଜୁରୀ ମିଳିବ ।

# ଜେକେ-ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଜାମ୍ମୁ କାଶ୍ମୀରରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି । ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ମତଦାନ ଲାଗି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ୭ଟି ଜିଲ୍ଲାର ୪୦ଟି ବିଧାନସଭା ଆସନ ନିମନ୍ତେ ଆଜି ମତଦାନ ହେଉଛି । ସୁରକ୍ଷା ଦୃଷ୍ଟିରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଆନୁସଙ୍ଗୀକ ବ୍ୟବସ୍ଥା କରାଯାଇଥିବା ବେଳେ ୨୦ ହଜାରରୁ ଅଧିକ କର୍ମଚାରୀଙ୍କୁ ଭୋଟ୍ ଗ୍ରହଣ କାର୍ଯ୍ୟରେ ନିୟୋଜିତ କରାଯାଇଛି । କାଶ୍ମୀରର  ବାରମୂଲା, କୁପୁୱାଡ଼ା, ବନ୍ଦୀପୋରା ଏବଂ ଜାମ୍ମୁ ଡିଭିଜନ୍‌ର ଜାମ୍ମୁ, ଉଧମପୁର, କଥୁଆ ଏବଂ ସାମ୍ବା ଜିଲ୍ଲାରେ ୫ହଜାର ୬୦ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଗତ ସନ୍ଧ୍ୟା ସୁଦ୍ଧା ସମସ୍ତ ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ କର୍ମଚାରୀମାନେ ପହଞ୍ଚି ଯାଇଥିଲେ । ଏହି ପର୍ଯ୍ୟାୟରେ ୩୯ ଲକ୍ଷରୁ ଅଧିକ ମତଦାତା ୪୧୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଆଜିର ନିର୍ବାଚନରେ ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମୁଜାଫର ହୁସେନ ବେଗ୍, ବଶରତ୍ ବୁଖାରୀ, ସଜାଦ ଗନି ଲୋନେ ଏବଂ ନାସିର ଅସଲମ୍ ୱାଣି କାଶ୍ମୀରରୁ  ନିର୍ବାଚନ

ଲଢୁଥିବା ବେଳେ ଜାମ୍ମୁରୁ ଦବିନ୍ଦର ସିଂହ ରାଣା, ଚୌଧୁରୀ ଲାଲ ସିଂହ ଏବଂ ରମଣ ଭଲ୍ଲା ନିର୍ବାଚନ ଲଢୁଛନ୍ତି ।

ଜାମ୍ମୁ କାଶ୍ମୀରରେ ପ୍ରଥମ ପର୍ଯ୍ୟାୟ ମତଦାନ ସେପ୍ଟେମ୍ବର ୧୮ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସେପ୍ଟେମ୍ବର ୨୫ ତାରିଖରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୬୧ ପ୍ରତିଶତରୁ ଅଧିକ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫୭ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ଼ କରାଯାଇଥିଲା । ଆଜି ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ଆସନ୍ତା ୮ ତାରିଖରେ ମତଗଣନା ହେବ ।

## ପ୍ରଧାନମନ୍ତ୍ରୀ-ଝାଡ଼ଖଣ୍ଡ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଝାଡ଼ଖଣ୍ଡ ଗସ୍ତ କରି ୮୩ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ହଜାରିବାଗ୍ ଠାରେ ‘ଧର୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ’ର ଶୁଭାରମ୍ଭ କରିବେ । ୭୯ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ ଦ୍ୱାରା ୬୩ ହଜାର ଗ୍ରାମର ୫ କୋଟିରୁ ଊର୍ଦ୍ଧ୍ୱ ଜନଜାତି ବର୍ଗର ଲୋକ ଉପକୃତ ହୋଇପାରିବେ । ଏହି ଯୋଜନା ଦେଶର ୫୪୯ଟି ଜିଲ୍ଲା ଅନ୍ତର୍ଗତ ୨ହଜାର ୭୪୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି ।

ଏହାଛଡ଼ା ଶ୍ରୀ ମୋଦୀ ୪୦ଟି ଏକଲବ୍ୟ ବିଦ୍ୟାଳୟର ଉଦ୍‌ଘାଟନ କରିବେ । ଏଥିସହ ୨ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହେବାକୁ ଥିବ ଅନ୍ୟ ୨୫ଟି ଏକଲବ୍ୟ ବିଦ୍ୟାଳୟର ଶିଳାନ୍ୟାସ କରିବେ । ସେହିଭଳି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧୀନରେ ଶ୍ରୀ ମୋଦୀ ୧ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କେତେକ ପ୍ରକଳ୍ପର ଲୋକାର୍ପଣ କରିବା ସହିତ ଅନ୍ୟ କେତେକ ଲାଗି ଶିଳାନ୍ୟାସ କରିବେ । ଏହି ଯୋଜନା ଅଧୀନରେ ସଡ଼କ, ଅଙ୍ଗନବାଡ଼ି, ବହୁମୁଖୀ କେନ୍ଦ୍ର, ବିଦ୍ୟାଳୟ, ଛାତ୍ରାବାସ ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ ।

ଏହାଛଡ଼ା ଏହି ଯୋଜନା ଅଧୀନରେ ଶ୍ରୀ ମୋଦୀ ୩ହଜାର ଗ୍ରାମରେ ବସବାସ କରୁଥିବା ୭୫ ହଜାର ୮୦୦ ବିଶେଷ ଦୁର୍ବଳ ଜନଜାତି ସମ୍ପ୍ରଦାୟ ବ୍ୟକ୍ତିଙ୍କ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## କେନ୍ଦ୍ର-ରାଜ୍ୟ ପାଣ୍ଠି

ବନ୍ୟା ପ୍ରଭାବିତ ଗୁଜରାଟ, ମଣିପୁର ଏବଂ ତ୍ରିପୁରାକୁ ଅଗ୍ରୀମ ଭାବେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୬୭୫ କୋଟି ଟଙ୍କା ଦେବା ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । ଏହି ଅର୍ଥ ମଧ୍ୟରୁ

ଗୁଜରାଟ ପାଇଁ ୬୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ମଣିପୁରକୁ ୫୦ କୋଟି ଏବଂ ତ୍ରିପୁରାକୁ ୨୫ କୋଟି ଟଙ୍କା ଦିଆଯିବ । ଏହି ରାଜ୍ୟ ଗୁଡ଼ିକ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନରେ କ୍ଷତିଗ୍ରସ୍ତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ପ୍ରଭାବିତ ରାଜ୍ୟ ଗୁଡ଼ିକୁ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ଆସାମ, ମିଜୋରାମ, କେରଳ, ତ୍ରିପୁରା, ନାଗାଲାଣ୍ଡ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ମଣିପୁରରେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ କ୍ଷୟକ୍ଷତି ଘଟିଛି । ଏହିସବୁ ଅଞ୍ଚଳକୁ ଆନ୍ତଃ ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ ଗସ୍ତ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି । କେନ୍ଦ୍ରୀୟ ଦଳ ପକ୍ଷରୁ ରିପୋର୍ଟ ମିଳିବା ପରେ ଅତିରିକ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

ଅନ୍ୟ ପକ୍ଷରେ ବିହାର ଏବଂ ପଶ୍ଚିମବଙ୍ଗରେ ବନ୍ୟା ସୃଷ୍ଟି ହୋଇଥିବାରୁ ସେଠାକୁ ମଧ୍ୟ କେନ୍ଦ୍ରୀୟ ଖୁବ୍‌ଶୀଘ୍ର ଗସ୍ତ କରିବେ ।

## ଦିଲ୍ଲୀ ପୋଲିସ୍

ଦିଲ୍ଲୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ତିନୋଟି ଜିଲ୍ଲାରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ ଏବଂ ପାଞ୍ଚ ଜଣରୁ

ଅଧିକ ବ୍ୟକ୍ତିଙ୍କ ଏକତ୍ର ହେବା ଉପରେ ନିଷେଧାଜ୍ଞା ଜାରି କରାଯାଇଛି । ମଧ୍ୟଦିଲ୍ଲୀ, ନୂଆଦିଲ୍ଲୀ ଏବଂ ଉତ୍ତର ଦିଲ୍ଲୀରେ ଏହି କଟକଣା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ  ବଳବତ୍ତର ରହିବ । ଭାରତୀୟ ନାଗରୀକ ସୁରକ୍ଷା ସଂହିତା ଧାରା ୧୬୩ ଅନୁଯାୟୀ ଏହି ନିଷେଧାଜ୍ଞା ଲାଗୁ କରାଯାଇଛି । ବର୍ତ୍ତମାନ ଅନେକ ଗୁଡ଼ିଏ ସମ୍ବେଦନଶୀଳ ପ୍ରସଙ୍ଗ ସୃଷ୍ଟି ହୋଇଥିବାରୁ ଦିଲ୍ଲୀରେ ଯେପରି କୌଣସି ପ୍ରକାର ଅଘଟଣ ସୃଷ୍ଟି ନ ହେବ ସେଥିଲାଗି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଦିଲ୍ଲୀ ପୋଲିସ୍ କମିଶନର ସଂଜୟ ଅରୋଡା କହିଛନ୍ତି, ଜାମ୍ମୁ କାଶ୍ମୀର ଏବଂ ହରିଆଣାରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଦିଲ୍ଲୀ ସୀମାରେ ଲୋକମାନଙ୍କ ଉପରେ ନଜର ରଖାଯାଇଛି ।

## ସ୍ୱାସ୍ଥ୍ୟ ନିର୍ଦ୍ଦେଶାବଳୀ

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅସାଧ ରୋଗଗ୍ରସ୍ତ ଏବଂ ମୃତ୍ୟୁଆସନ୍ନ ରୋଗୀଙ୍କ କ୍ଷେତ୍ରରେ ଜୀବନ ସହାୟକ ବ୍ୟବସ୍ଥା ବ୍ୟବହାର ନେଇ ନିର୍ଦ୍ଦେଶାବଳୀ ଜାରି କରିଛି । ଲୋକମାନଙ୍କ ମତାମତ ଜାଣିବା ଲାଗି ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଥିବା କୁହାଯାଇଛି । ମସ୍ତିଷ୍କରେ ଗୁରୁତର କ୍ଷତ ଯୋଗୁଁ ଯଦି ୭୨ ଘଣ୍ଟା ପରେ ମଧ୍ୟ କୌଣସି ସୁଧାର ହେଉନାହିଁ ସେ କ୍ଷେତ୍ରରେ ମଧ୍ୟ ଜୀବନ ସହାୟକ ବ୍ୟବସ୍ଥା ବ୍ୟବହାର ନକରିବା ନେଇ  ଏହି

ନିର୍ଦ୍ଦେଶାବଳୀରେ କୁହାଯାଇଛି । ଡାକ୍ତରମାନଙ୍କୁ ଏ କ୍ଷେତ୍ରରେ ଅନେକ ଗୁଡ଼ିଏ ବିଷୟକୁ ବିଚାରକୁ ନେଇ ନିଷ୍ପତ୍ତି ନେବାକୁ ପରାମର୍ଶ ଦିଆଯାଇଛି ।

କେତେକ କ୍ଷେତ୍ରରେ ଆଇ.ସି.ୟୁ.ରେ ଚିକିତ୍ସା ଓ ଜୀବନ ସହାୟକ ବ୍ୟବସ୍ଥାରେ ରଖିବା ପରେ ମଧ୍ୟ କୌଣସି ସୁଫଳ ନ ମିଳୁଥିଲେ ସେ କ୍ଷେତ୍ରରେ କେଉଁ ପଦକ୍ଷେପ ଗ୍ରହଣ କରାଯିବ ତାହା ମଧ୍ୟ ନିର୍ଦ୍ଦେଶାବଳୀରେ କୁହାଯାଇଛି । ଏଭଳି ପରିସ୍ଥିତିରେ ରୋଗୀମାନଙ୍କୁ ଜୀବନରକ୍ଷା ବ୍ୟବସ୍ଥାରେ ରଖାଯିବା ଦ୍ୱାରା ଆର୍ଥିକ ବୋଝ ବୃଦ୍ଧି ପାଇବା ସହ ରୋଗୀକୁ ଅତ୍ୟଧିକ ଯନ୍ତ୍ରଣା ସହିବାକୁ ପଡ଼ିଥାଏ । ଏଭଳି ପରିସ୍ଥିତିରେ କେଉଁ ଭଳି ନିଷ୍ପତ୍ତି ନିଆଯିବ ଏବଂ କେଉଁ ଆଧାରରେ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯିବ ତାହା ନୈତିକତା, ଆଇନ୍ ଏବଂ ଚିକିତ୍ସା ବିଜ୍ଞାନ ଉପରେ ନିର୍ଭର କରେ ବୋଲି ଏହି ନିର୍ଦ୍ଦେଶାବଳୀରେ କୁହାଯାଇଛି ।

## ଇସି-ୟୁକ୍ରେନ୍

ଚଳିତ ମାସ ଶେଷ ସୁଦ୍ଧା ୟୁକ୍ରେନ୍‌କୁ ୫୦ ବିଲିୟନ୍ ଡଲାର୍ ଋଣ ଯୋଗାଇଦେବା ନିମନ୍ତେ **G-7** ଦେଶ ସମୂହ ରାଜନୈତିକ ବୁଝାମଣା ଚୂଡ଼ାନ୍ତ କରିବାକୁ ୟୁରୋପୀୟ କମିଶନ୍ କହିଛି । ୟୁରୋପୀୟ କମିଶନ୍ ପାଖରେ ଥିବା ୨୧୦ ବିଲିୟନ୍ ୟୁରୋରର ସମ୍ପତ୍ତି ଏହି ଋଣ ପ୍ରଦାନ

କରାଯିବ । **G-7** ଦେଶ ସମୂହ ମଧ୍ୟରେ ଆମେରିକା, କାନାଡ଼ା, ଜାପାନ, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନ ଏବଂ ଇଟାଲୀ ରହିଛନ୍ତି । ୟୁରୋପୀୟ ସଂଘ ଏହିସବୁ ଦେଶ ଗୁଡ଼ିକୁ ମିଳିତ ଭାବେ ପ୍ରତିନିଧିତ୍ୱ କରୁଛି ।

# କ୍ରିକେଟ୍

କ୍ରିକେଟ୍‌ରେ ବାଂଲାଦେଶ ଆଜି ଗତକାଲିର ୨ ୱିକେଟ୍ ବିନିମୟରେ ୨୬ରନ୍ ସ୍କୋରରୁ ଦ୍ୱିତୀୟ ଇନିଂସ ଜାରି ରଖିବ । ମୋମିନୁଲ୍ ହକ୍ ଏବଂ ଶଦମାନ୍ ଇସଲାମ୍ ଅପରାଜିତ ଅଛନ୍ତି । ଭାରତର ଅଶ୍ୱିନ୍ ୨ଟି ୱିକେଟ୍ ନେଇଛନ୍ତି ।

ଗତକାଲି ଭାରତ-ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଖେଳରେ ଭାରତ ପ୍ରଥମ ଇନିଂସରେ ୯ ୱିକେଟ୍‌ରେ ୨୮୫ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା । ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତ ଦ୍ରୁତତମ ୫୦, ୧୦୦, ୧୫୦, ୨୦୦ ଏବଂ ୨୫୦ରନ୍ ହାସଲ କରିଥିଲା । ଯଶସ୍ୱୀ ଜୟଶ୍ୱାଲ୍ ୩୧ଟି ବଲ୍‌ରୁ ୫୦ରନ୍ ସଂଗ୍ରହ କରିଥିବା ବେଳେ କେ.ଏଲ୍. ରାହୁଲ ୪୩ ବଲ୍‌ରୁ ୬୮ରନ୍ ସ୍କୋର କରିଥିଲେ । ବାଂଲଶଦେଶ ପ୍ରଥମ ଇନିଂସରେ ୨୩୩ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ଯଶପ୍ରୀତ ବୁମରା ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ବାଂଲାଦେଶର ମୋମିନୁଲ୍ ହକ୍

ସର୍ବାଧିକ୍ ୧୦୭ରନ୍ ସ୍କୋର କରିଥିଲେ । ବର୍ଷା ଯୋଗୁଁ ଏହି ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଏବଂ ତୃତୀୟ ଦିନର ଖେଳ ସମ୍ଭବ ହୋଇନଥିଲା । ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।